# ପଳାସା- ଇଚ୍ଛାପୁରମ୍ ସେକ୍ସନ ପୂର୍ବତଟ ରେଳପଥରେ ନ ମିଶିଲେ ବିଜେଡି ଆନ୍ଦୋଳନ କରିବ

ବ୍ରହ୍ମପୁର,୮।୪(ଅଶୋକ କୁମାର ସାହୁ)
ପୂର୍ବତଟ ରେଳପଥରେ ଥିବା ପଳାସା ଇଚ୍ଛାପୁର ସେକ୍ସନକୁ ଭାଜପା କେନ୍ଦ୍ର ସରକାର ଦକ୍ଷିଣତଟ ରେଳପଥକୁ ସ୍ଥାନାନ୍ତର କରିଛନ୍ତି। ଏହା ଦ୍ୱାରା ପୂର୍ବତଟ ରେଳପଥ କ୍ଷୁଦ୍ର ହୋଇଯାଉଛି। ରେଳ ବିଭାଗ ଯେତେ ସଫେଇ ଦେଲେ ବି ରାଜସ୍ୱ ହ୍ରାସ ନିଶ୍ଚିତ। ଓଡ଼ିଶାର ଅସ୍ମିତା ଓ ସ୍ୱାଭିମାନ ପ୍ରତି ଏହା ଏକ କୁଠାରାଘାତ ଓ ନିନ୍ଦନୀୟ। ଆନ୍ଧ୍ରକୁ ଖୁସି କରାଇବାକୁ ଯାଇ ଏସବୁ କାର୍ଯ୍ୟ କରାଯାଇଛି। ଏହା ବ୍ୟତୀତ ବିଧାନସଭା ଓ ସଂସଦରେ ଓଡ଼ିଶାର ଦାବି ହୋଇଥିବା ସୁନ୍ଦରଗଡ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଝାରସୁଗୁଡାକୁ ଦକ୍ଷିଣ ପୂର୍ବ ରେଳପଥରୁ ପୂର୍ବତଟ ରେଳପଥରେ ମିଶ୍ରଣ କରାଯାଉ ବୋଲି ବିଜେଡି ଦାବି କରିଛି। ଯଦି ଏହା କରାନଯାଏ ତେବେ ଆଗାମୀ ଦିନରେ ବିଜେଡି ଆନ୍ଦୋଳନ କରିବ ବୋଲି ବ୍ରହ୍ମପୁର ଜୋନର କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତ, ଆସିକା ଜୋନର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଏକ ପ୍ରେସ ବାର୍ତ୍ତାରେ କହିଛନ୍ତି।

# ଖଲ୍ଲିକୋଟ ବାର୍ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥପାଠ

ଖଲ୍ଲିକୋଟ,୮।୪(ପ୍ରଶାନ୍ତ କୁମାର ମିଶ୍ର)- ଖଲ୍ଲିକୋଟ ଓକିଲ ସଂଘ ନିର୍ବାଚନରେ ସନ୍ତୋଷ କୁମାର ମିଶ୍ର ସଭାପତି, ମେଘନାଦ ଦଳେଇ ଉପସଭାପତି ଏବଂ ସମରଜିତ ଦାଶ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସହ ସମ୍ପାଦିକା ରୂପେ ଚିନ୍ମୟୀ ସେଠୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ବୁଧବାର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏଡ଼ିଜେ ଅମୀୟ କୁମାର ଜେନା, ଜେଏମଏଫସି ରାଜଲକ୍ଷ୍ମୀ ମହାନ୍ତି ଅତିଥି ରୂପେ ଯୋଗ ଦେଇଥିଲେ। ପୂର୍ବତନ ସଭାପତି ଚକ୍ରପାଣି ସ୍ୱାଇଁ, ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ବରିଷ୍ଠ ଆଇନଜୀବୀ ନିଖିଳ କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ନିର୍ବାଚନ ଅଧିକାରୀ ପଟ୍ଟନାୟକ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ। ନୂତନ ସଭାପତି ସନ୍ତୋଷ ମିଶ୍ର ନିଜ ବକ୍ତବ୍ୟରେ ବାରବେଞ୍ଚର ସୁସମ୍ପର୍କ ବଜାୟୀ ରଖିବା ସହ ବାରର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ଗୋବିନ୍ଦ ଆଚାର୍ଯ୍ୟ, ରାଜେନ୍ଦ୍ର ପ୍ରସାଦ ରଥ, ପ୍ରଶାନ୍ତ କୁମାର ପଣ୍ଡା, ସୀମାଞ୍ଚଳ ବେହେରା ଓ ସ୍ମୃତି ରଞ୍ଜନ ମାହାନ୍ତି ,ବିନାୟକ ସାହୁ, ଦିଲ୍ଲୀପ ସାହୁ, ଅଶୋକ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ରେ ଜିଲାସ୍ତରୀୟ ସି.ଏମ କପ୍ ଉଦଘାଟନ

ବ୍ରହ୍ମପୁର,୮।୪(ସୁବାସ ଚନ୍ଦ୍ର ପାଢ଼ୀ)
ଆସନ୍ତା ୧୦ ତାରିଖରୁ ଗଞ୍ଜାମ ଜିଲାରେ ଫୁଟବଲ ଚାମ୍ପିୟନଶିପ ପାଇଁ ଜିଲାସ୍ତରୀୟ ସିଏମ କପ୍ ଆରମ୍ଭ ହେବ। ପ୍ରତ୍ୟହ ସକାଳ ୭ଟାରୁ ଓ ଅପରାହ୍ନ ୪ଟାରୁ ଖେଳ ଆୟୋଜନ କରାଯିବ। ଆସନ୍ତା ୨୨ ତାରିଖରେ ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲ ମ୍ୟାଚ ଖେଳାଯିବ। ଏ ସଂକ୍ରାନ୍ତରେ ଗଞ୍ଜାମ ଜିଲା ଆଥଲେଟିକ ଆସୋସିଏଶନକୁ ଜିଲା ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି। ପ୍ରତିଯୋଗିତାରେ ଫୁଟବଲ ସହ କବାଡି, ଖୋ -ଖୋ ଓ ଭଲିବଲ ଖେଳ ହେବ। ସମସ୍ତ ଖେଳ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ହେବ ବୋଲି ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ କହିଛନ୍ତି।

# ଶିଳ୍ପକଳା, ସଂସ୍କୃତି ବ୍ରହ୍ମପୁରକୁ ସ୍ୱତନ୍ତ୍ର ପରିଚୟ ଦେଇଛି: ମନ୍ତ୍ରୀ

## ରେଶମ ସହର ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳାର ତୃତୀୟ ସନ୍ଧ୍ୟା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।



ସମ୍ବଲପୁରୀ ନୃତ୍ୟ।



କଣ୍ଠଶିଳ୍ପୀ ବିକାଶ ଚନ୍ଦ୍ରଙ୍କ ସଂଗୀତ ପରିବେଷଣ

ବ୍ରହ୍ମପୁର,୮।୪(ଅଶୋକ କୁମାର ସାହୁ)
ରେଶମ ସହର ମହୋତ୍ସବ ସହିତ ସୁଭଦ୍ରା ଶକ୍ତି ଓ ଆତ୍ମ ନିର୍ଭରର ଭାରତ ସ୍ୱଦେଶୀ ମେଳାର ବୁଧବାର ଥିଲା ତୃତୀୟ ସନ୍ଧ୍ୟା। ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି କହିଲେ ଯେ, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଗଞ୍ଜାମ ମାଟିର ବଳିଷ୍ଠ ଅବଦାନ ଥିଲା। ସ୍ୱକୀୟ ଶିଳ୍ପକଳା ଓ ସଂସ୍କୃତି ବ୍ରହ୍ମପୁରକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଓଡ଼ିଶାର ୧୦ ପ୍ରମୁଖ ସହରର ବ୍ୟାପକ ଉନ୍ନତିକରଣ ପାଇଁ ସରକାର ପରିକଳ୍ପନା କରୁଛନ୍ତି। ତାହା ମଧ୍ୟରେ ବ୍ରହ୍ମପୁର ଅନ୍ୟତମ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଆତ୍ମନିର୍ଭର ଭାରତ ଅଥବା ଲୋକାଲ ଫର ଭୋକାଲର ସଫଳତା ଏବଂ ଓଡିଶା ସରକାରଙ୍କ ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନର ଲକ୍ଷ୍ୟ ପୂରଣ ପାଇଁ ସେ ଗଞ୍ଜାମବାସୀଙ୍କ ଅଧିକରୁ ଅଧିକ ସହଯୋଗ କାମନା କରିଥିଲେ। ଗଞ୍ଜାମର ପଞ୍ଝୁ ଦଣ୍ଡ, ସୁଭଦ୍ରା ଶକ୍ତିଙ୍କ ସାମର୍ଥ୍ୟ, ସ୍ୱଦେଶୀ ଜାଗରଣ, ଦିଗପହଣ୍ଡିର ବୋମକେଇ ପାଟ ଉପରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଜିଲାପାଳ ଭି.କୀର୍ତ୍ତିଭାସନ, ବିଏମସି ମେୟର ଏ.ଶସ୍ୟା ରେଡ୍ଡୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ସ୍ୱଦେଶୀ ମେଳାର ଆଞ୍ଚଳିକ ସମନ୍ୱୟକ ମନୋଜ କୁମାର ନାୟକ, ଟିପିଏସଓଡିଲର ଉପ ସାଧାରଣ ପ୍ରବନ୍ଧକ(ଅର୍ଥ) ବିନେଦ ବିହାରୀ ନାୟକ ଯୋଗ ଦେଇ ଗଞ୍ଜାମ ଜିଲାର ସମୃଦ୍ଧ ଲୋକ କଳା, ସାହିତ୍ୟ, ସଂସ୍କୃତି, ବୈଭବ, ପାଟ, ପିତ୍ତଳ ମାଛ, ସୁଭଦ୍ରା ଓ ସ୍ୱେଦେଶୀ ମେଳା ଆଦି ବିଷୟରେ ଆଲୋକପାତ କରିଥିଲେ। ଜିଲାପାଳ ସ୍ୱାଗତଭାଷଣ ଦେଇଥିଲେ। ବିଏମସି ମେୟର ଧନ୍ୟବାଦ ଦେଇଥିଲେ। ଆଜିର ସଙ୍ଗୀତ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ଏବଂ ବିକାଶରଂଜନଙ୍କ ସୁମଧୁର ସଂଗୀତ । ଏହା ସହିତ ମା' ବୁଢୀ ଠାକୁରାଣୀ ନାଟ୍ୟ କଳା ସଂସଦର ପ୍ରହ୍ଲାଦ ନାଟକ, ଅଂଗହାର ନୃତ୍ୟାୟନର ଓଡିଶୀ ନୃତ୍ୟ, ଆର୍ଯ୍ୟନ ଡ୍ୟାନ୍ସ ଏକାଡେମୀର ଗରବା ନୃତ୍ୟ , ଅନଷୋ କଳା କେନ୍ଦ୍ରର ଜେମସା ନୃତ୍ୟ, ଜେ.ଡି.ଡି ଡ୍ୟାନ୍ସ ଏକାଡେମୀର ଆଧୁନିକ ନୃତ୍ୟ , ନିର୍ମଳା ଡ୍ୟାନ୍ସ ଏକାଡେମୀର ବିହୁ ନୃତ୍ୟ, ବି.ଏସ.ଆର କଲଚରାଲ ଆଣ୍ଡ ଚାରିଟେବଲ ଟ୍ରଷ୍ଟର ଆଧୁନିକ ନୃତ୍ୟ ଏବଂ ଦଶଭୁଜା ଗୋଟିପୁଅ ଅନୁଷ୍ଠାନର ଗୋଟିପୁଅ ନୃତ୍ୟ ଦର୍ଶକଙ୍କୁ ତଲ୍ଲୀନ କରିଥିଲା।

# ନାବାଳିକାଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ଜଗନ୍ନାଥପ୍ରସାଦ,୮।୪(ବିଭୁ ପ୍ରସାଦ ପଟ୍ଟନାୟକ)
ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ଥାନା ଅନ୍ତର୍ଗତ ଛାମୁଣ୍ଡା ଗ୍ରାମ ଲଖମଣପଲ୍ଲୀ ଗ୍ରାମର ଗଣେଶ ମହାରଣାଙ୍କ ବାରିପଟେ ଥିବା ଅସ୍ଥାୟୀ ପାଇଖାନା ଭିତରୁ ତାଙ୍କ ନାବାଳିକା ଭାଣିଜୀ ଅର୍ଚ୍ଚନା ମହାରଣା (୧୦)ଙ୍କ ମୃତଦେହ ଜବତ ହୋଇଛି। ଅର୍ଚ୍ଚନା ବୁଧବାର ପୂର୍ବାହ୍ନ ୧୧ଟାରୁ ନିଖୋଜ ଥିଲେ। ମାମୁ ଗଣେଶ ଭାଣିଜୀଙ୍କୁ ଖୋଜାଖୋଜି କରି ନ ପାଇବାରୁ ଅପରାହ୍ନ ୪ଟାରେ ଥାନାରେ ଭାଣିଜୀ ନିଖୋଜ ନେଇ ଅଭିଯୋଗ କରିଥିଲେ। ତେବେ ଘରକୁ ଆସି ବାରିପଟେ ଥିବା ଅସ୍ଥାୟୀ ପାଇଖାନାରେ ଅର୍ଚ୍ଚନାଙ୍କ ମୃତଦେହ ପଡ଼ିଥିବା ଏବଂ ଏହା ଉପରେ ଏକ ଜରି ପାଲ ଘୋଡା ଯାଇଥିବା ଦେଖିଥିଲେ। ଭାଣିଜୀଙ୍କ ମୃତଦେହ ଘରକୁ ଆଣିବା ସହ ଥାନାକୁ ଜଣାଇଥିଲେ । ଜଗନ୍ନାଥ ପ୍ରସାଦ ଥାନା ଅଧିକାରୀ ପ୍ରମୋଦ ଲେଙ୍କା, ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବର, ବୁଗୁଡ଼ା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ଭଞ୍ଜନଗର ଏସ୍‌ଡିପିଓ ଡା. ଦୀପକ ମିଶ୍ର ସେଠାରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରିଛନ୍ତି । ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଯିବ। ଅତିରିକ୍ତ ଏସ୍‌ପି ରଞ୍ଜନ କୁମାର ଦେଓ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି। ଅର୍ଚ୍ଚନା ବୁଗୁଡ଼ା ଥାନା କାନକୁଟୁରୁ ଗ୍ରାମର ମଙ୍ଗୁଲୁ ମହାରଣାଙ୍କ ଝିଅ । ତାଙ୍କ ପରିବାର ଭୁବନେଶ୍ୱରରେ ରୁହନ୍ତି। ମଙ୍ଗୁଲୁ ପରିବାର ସହ ବୁଗୁଡା ଆସିଥିଲେ। ବୁଧବାର ମାମୁଘରେ ଝିଅକୁ ଛାଡି ପଞ୍ଚାୟତକୁ ଚାଉଳ ଆଣିବାକୁ ଯାଇଥିଲେ।

# ୧.୧୫ କୋଟି ଝିଅଙ୍କୁ ସର୍ଭାଇକାଲ କ୍ୟାନ୍ସର ଟିକା ଦେବା ଲକ୍ଷ୍ୟ



ଏମ୍‌କେସିଜି କଲେଜ ଓ ହସ୍ପିଟାଲରେ ଝିଅମାନଙ୍କୁ ଟିକାକରଣ କରାଯାଉଛି।

ବ୍ରହ୍ମପୁର,୮।୪(ସୁବାସ ଚନ୍ଦ୍ର ପାଢ଼ୀ)
ସ୍ଥାନୀୟ ଏମକେସିଜି ମେଡିକାଲ କଲେଜ ଓ ହସପିଟାଲରେ ୧୪୦ ଡାକ୍ତରୀ ଛାତ୍ରୀଙ୍କୁ ସର୍ଭାଇକାଲ କ୍ୟାନସରରୁ ସୁରକ୍ଷିତ ରଖିବା ପାଇଁ ବୁଧବାର ଟିକାକରଣ କରାଯାଇଛି। ଓବଷ୍ଟେଟ୍ରିକ୍ସ ଓ ଗାଇନାକୋଲୋଜି ସୋସାଇଟି ମାଧ୍ୟମରେ ହ୍ୟୁମାନ ପାପିଲୋମା ଭାଇରସ(ଏଚପିଭି) ଟିକାକରଣ କରାଯାଇଛି । ପୂର୍ବରୁ ୧୬୦ ଛାତ୍ରୀ ଟିକା ନେଇଥିଲେ। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପ୍ରଫେସର ଡା. ଭାରତୀ ମିଶ୍ର, ଡା. ଇନ୍ଦିରା ପାଳ, ଡା. ପି. ସୁଲେଖା ପ୍ରମୁଖ ଉପସ୍ଥିତ ଥିଲେ । ସେରମ ଇନଷ୍ଟିଟ୍ୟୁଟ ଦ୍ୱାରା ଭାରତରେ ସ୍ୱଦେଶୀ ଢାଞ୍ଚାରେ ଏହି ଟିକା ବାହାର କରାଯାଇଛି। ଶତାୟୁ ସ୍ତ୍ରୀରୋଗ ବିଶେଷଜ୍ଞ ପ୍ରଫେସର ଡା. କେ. ଲକ୍ଷ୍ମୀ ବାଇ କିଶୋରୀ କନ୍ୟାମାନଙ୍କ ପାଇଁ ସର୍ଭାଇକାଲ କ୍ୟାନ୍ସର ଟିକାକରଣକୁ ସମର୍ଥନ କରି ଉକ୍ତ ସୋସାଇଟିକୁ ୩ ଲକ୍ଷ ଟଙ୍କା ଦାନ କରିଛନ୍ତି। ତାହାର ଅଂଶ ସ୍ୱରୂପ ଏହି ଟିକା ଦିଆଯାଇଛି। ପ୍ରତିବର୍ଷ ଏହି କ୍ୟାନ୍ସରରେ ବହୁ ମହିଳାଙ୍କ ମୃତ୍ୟୁ ହେଉଛି। ତେଣୁ ଦେଶ ବ୍ୟାପୀ ସ୍କୁଲ, ହସପିଟାଲ ଓ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ବର୍ଷକୁ ୧.୧୫ କୋଟି ଝିଅଙ୍କୁ ଏହି ଟିକା ଦେବା ଲକ୍ଷ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଛି ବୋଲି ସୋସାଇଟି ପକ୍ଷରୁ କୁହାଯାଇଛି।

# ଚାକିରି କରାଇଦେବା ନାଁରେ ୧୧ ଲକ୍ଷରୁ ଅଧିକ ଠକେଇ, ଦମ୍ପତି ଗିରଫ

ଗଞ୍ଜାମ,୮।୪(ଅନାଥ ତରାଇ)
ଗଞ୍ଜାମ ଜିଲା ରମ୍ଭା ଅଞ୍ଚଳରେ ସରକାରୀ ଚାକିରି କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଜଣେ ସରକାରୀ କର୍ମଚାରୀ ଓ ତାଙ୍କ ସ୍ତ୍ରୀଙ୍କୁ ରମ୍ଭା ପୋଲିସ ଗିରଫ କରିଛି। ସେମାନେ ହେଲେ ଛତ୍ରପୁର ଦଳିତ ସାହିର ମଧୁସୂଦନ ନାୟକ ଓ ତାଙ୍କ ସ୍ତ୍ରୀ ସୌଦାମିନୀ ନାୟକ। ମଧୁସୂଦନ ଛତ୍ରପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ଚାକିରି କରନ୍ତି। ରମ୍ଭା ଟିକରପଡ଼ା ସାହିର ସନ୍ତୋଷ ସାହୁଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଚାକିରି କରାଇଦେବାର ପ୍ରଲୋଭନ ଦେଖାଇ ଅଭିଯୁକ୍ତମାନେ ତାଙ୍କ ସହ ମିଥ୍ୟା ବନ୍ଧୁତା ସ୍ଥାପନ କରିଥିଲେ। ସନ୍ତୋଷ ସେମାନଙ୍କ କଥାରେ ବିଶ୍ୱାସ କରି ଋଣ କରି ଦୁଇଟି କିସ୍ତିରେ ମୋଟ ୧୧ ଲକ୍ଷ ୭୦ ହଜାର ଟଙ୍କା ସେମାନଙ୍କୁ ଦେଇଥିଲେ। ପ୍ରଥମେ ୪ ଲକ୍ଷ ୪୦ ହଜାର ଟଙ୍କା ନଗଦ ଏବଂ ପରେ ୭ ଲକ୍ଷ ୩୦ ହଜାର ଟଙ୍କା ଫୋନ୍-ପେ ମାଧ୍ୟମରେ ସେ ଦେଇଥିଲେ। ଦୀର୍ଘ ଦିନ ପର୍ଯ୍ୟନ୍ତ ଚାକିରି ନ ମିଳିବାରୁ ସନ୍ତୋଷ ମଧୁସୂଦନ ଓ ସୌଦାମିନୀଙ୍କୁ ଟଙ୍କା ଫେରସ୍ତ ମାଗିଥିଲେ। ମାତ୍ର ଟଙ୍କା ଫେରସ୍ତ କରିବା ବଦଳରେ ଅଭିଯୁକ୍ତ ଦମ୍ପତି ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏନେଇ ସନ୍ତୋଷ ଜିଲାପାଳ, ଏସ୍‌ପି ଓ ଭିଜିଲାନ୍ସ ବିଭାଗକୁ ପତ୍ର ମାଧ୍ୟମରେ ଜଣାଇଥିଲେ। ରମ୍ଭା ଥାନାରେ ଏତଲା ମଧ୍ୟ ଦେଇଥିଲେ। ତେବେ ଅଭିଯୋଗ ପରେ ପୋଲିସ ଉପସ୍ଥିତିରେ ଟଙ୍କା ଫେରସ୍ତ ପାଇଁ ଚୁକ୍ତିନାମା ହୋଇଥିଲେ ସୁଦ୍ଧା ଅଭିଯୁକ୍ତମାନେ ଟଙ୍କା ଫେରାଉ ନ ଥିଲେ। ରମ୍ଭା ଆଇଆଇସି କୁମର ମୁଦୁଲିଙ୍କ ନେତୃତ୍ୱରେ ପୋଲିସ କେସ୍ ନଂ ୧୯୮/୨୬ ରୁଜୁ କରି ଛତ୍ରପୁର ପୋଲିସ ସହାୟତାରେ ଉଭୟ ସ୍ତ୍ରୀ ସ୍ୱାମୀ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ରାଜ୍ୟ ସଭା ସଦସ୍ୟ ଦିଲ୍ଲୀପ ରାୟଙ୍କ ଗୋପାଳପୁର ଗସ୍ତ



ଗୋପାଳପୁର,୮।୪(ନବୀନ ରାଜ ଆଚାରୀ)
ରାଜ୍ୟସଭା ସଦସ୍ୟ ଦିଲ୍ଲୀପ ରାୟ ବୁଧବାର ଗୋପାଳପୁର ଗସ୍ତ କରିଥିଲେ। ଅପରାହ୍ନରେ ସେ ଗୋପାଳପୁର ଷଣ୍ଢଛକ ନିକଟରେ ପହଞ୍ଚିବା ପରେ ତାଙ୍କୁ ଭାଜପା କର୍ମୀ, ମେ ଫେୟାର ପରିବାର, ସ୍ଥାନୀୟ ଲୋକଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ମେ ଫେୟାର ହୋଟେଲରେ ଖବରଦାତା ସମ୍ମିଳନୀରେ ରାୟ କହିଥିଲେ,ମୁଁ ଭାଜପାରେ ଅଛି କିନ୍ତୁ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲି। ଭାଜପା ସମର୍ଥନ କଲା। ବ୍ୟକ୍ତିଗତ ସମ୍ପର୍କ ଭଲ ଯୋଗୁ ମୋତେ ସମର୍ଥନ କରିଥିଲେ। ଘୋଡା ବ୍ୟାପାର କଥା କେବଳ ଅପପ୍ରଚାର ବୋଲି ସେ କହିଥିଲେ। କେନ୍ଦ୍ର ଓ ରାଜ୍ୟରେ ଆମ ସରକାର ରହିଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ଆଲୋଚନା କରି ରାଜ୍ୟସଭାରେ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯାହା ସମସ୍ୟା ରହିଛି ତାହା ଉପସ୍ଥାପନା କରିବି ବୋଲି ଦିଲୀପ କହିଥିଲେ। ଏହି ଅବସରରେ ସେ କହିଥିଲେ, ବିଜୁ ବାବୁ ମୋର ରାଜନୈତିକ ଗୁରୁ। ଗତ ଦୁଇ ଦଶନ୍ଧି ଧରି ରାଜ୍ୟରେ କିଛି ବିକାଶ ହୋଇଥିବା ବେଳେ ଆହୁରି ଅନେକ ବିକାଶ ହେବାର ଅଛି ସେ ବୋଲି କହିଥିଲେ।

# ବ୍ରହ୍ମପୁରରେ ଜିଲାସ୍ତରୀୟ ସନ୍ତରଣ ପ୍ରତିଭା ଅନ୍ୱେଷଣ

ବ୍ରହ୍ମପୁର,୮।୪(ସୁବାସ ଚନ୍ଦ୍ର ପାଢ଼ୀ)
ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡ଼ିୟମରେ ଜିଲାସ୍ତରୀୟ ତଥା ମଣ୍ଡଳସ୍ତରୀୟ ସନ୍ତରଣ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋରାପୁଟ, ଗଜପତି, ରାୟଗଡା ଓ ଗଞ୍ଜାମ ଜିଲାର ୮ରୁ ୧୪ ବର୍ଷର ପ୍ରତିଭାମାନେ ଯୋଗଦେଇଥିଲେ। ୫୦ ଜଣ ସନ୍ତରଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ବୋଲି ଜିଲା କ୍ରୀଡା ଅଧିକାରୀ ତାପସ ସାମଲ କହିଛନ୍ତି। ଉକ୍ତ ପ୍ରତିଭାମାନଙ୍କୁ ରାଜ୍ୟସ୍ତରୀୟ ସନ୍ତରଣ କାର୍ଯ୍ୟକ୍ରମରେ ଭାଗ ନେବାକୁ ସୁଯୋଗ ମିଳିବ ବୋଲି ସେ କହିଛନ୍ତି।

# ଆଦିବାସୀଙ୍କ ଜୀବିକା ଓ ସୁରକ୍ଷା ପାଇଁ ଲଢ଼େଇ ଜାରି ରହିବ

ବ୍ରହ୍ମପୁର,୮।୪(ସୁବାସ ଚନ୍ଦ୍ର ପାଢ଼ୀ)
ଓଡ଼ିଶାର ଆଦିବାସୀଙ୍କ ଜୀବିକା ଓ ସୁରକ୍ଷା ଏବଂ ଜଳ,ଜମି, ଜଙ୍ଗଲ, ଖଣିଜ ସମ୍ପଦର ସୁରକ୍ଷା ପାଇଁ ଲଢ଼େଇ କରି ଆସୁଥିବା ଲୋକଶକ୍ତି ଅଭିଯାନ ଆଦିବାସୀଙ୍କ ଜୀବିକା ଓ ସୁରକ୍ଷା ପାଇଁ ଲଢ଼େଇ ଜାରି ରହିବ ବୋଲି ବୁଧବାର ସ୍ପଷ୍ଟ କରିଛି। ବ୍ରହ୍ମପୁରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅଭିଯାନର ରାଷ୍ଟ୍ରୀୟ ଆବାହକ ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି ଯେ, ରାୟଗଡା ଜିଲା ଶିଜିମାଳିରେ ମଙ୍ଗଳବାର ୩ ପ୍ଲାଟୁନ ଫୋର୍ସ ରାତି ପ୍ରାୟ ୩ଟାରେ ଆଦିବାସୀଙ୍କ ଉପରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଜଣେ ଗର୍ଭବତୀଙ୍କ ସମେତ ୩ ମହିଳା ଗୁରୁତର ହୋଇଥିଲେ। ଏହା ନିନ୍ଦନୀୟ ଘଟଣା। ବର୍ତ୍ତମାନ ଗ୍ରାମକୁ ଗ୍ରାମକୁ ପୋଲିସ ଘେରାଉ କରି ରଖିଛି। କୌଣସି ବୁଦ୍ଧିଜୀବୀ କିମ୍ବା ସାମାଜିକ କର୍ମୀଙ୍କୁ ପୋଲିସ ଗାଁ ଭିତରକୁ ଛାଡୁନି। ସ୍ଥାନୀୟ ଅଞ୍ଚଳରେ ଖଣି ଖନନ ପ୍ରକଳ୍ପ କାର୍ଯ୍ୟ କରୁଛି। ଫଳରେ ଆଦିବାସୀଙ୍କ ଜଳ, ଜମି, ଜଙ୍ଗଲ ଓ ଜୀବନ ଓ ଜୀବିକା ଅସୁରକ୍ଷିତ ହୋଇପଡିଛି। ବେଦାନ୍ତ କମ୍ପାନୀ ପାଇଁ ରାସ୍ତା ନିର୍ମାଣ ଚାଲିଛି। ଜିଲା ପ୍ରଶାସନ ଓ ପୋଲିସର ଜୁଲୁମ ଗ୍ରାମବାସୀଙ୍କ ପାଇଁ ଅସହ୍ୟ ହୋଇପଡିଛି। ତେଣୁ ଆଦିବାସୀମାନେ ନିଜ ଜୀବିକା ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏହାକୁ ବିରୋଧ କରିଛନ୍ତି। ଫଳରେ ଆଦିବାସୀମାନେ ଆକ୍ରମଣର ଶିକାର ହୋଇଥିବା ସେ କହିଛନ୍ତି। ତେଣୁ ସରକାର ତୁରନ୍ତ ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରିଛି ଲୋକ ଶକ୍ତି ଅଭିଯାନ। ଶିଜିମାଳିରେ ରାୟଗଡା ଉପଜିଲାପାଳଙ୍କ ଦ୍ୱାରା ଜାରି ବିଏନଏସ ୧୬୩ ଏବଂ ୧୪୪ ଧାରାକୁ ପ୍ରତ୍ୟାହାର କରିବା, ଖଣି ଖନନ ପ୍ରକଳ୍ପ ସମ୍ପୂର୍ଣ୍ଣ ବାତିଲ କରିବା, ବେଦାନ୍ତ କମ୍ପାନୀ ପାଇଁ ହେଉଥିବା ରାସ୍ତା ନିର୍ମାଣ କାମକୁ ତୁରନ୍ତ ବନ୍ଦ କରିବା, ଶିଜି ମାଳିରେ ଜିଲାପ୍ରଶାସନ ଓ ପୋଲିସର ଜୁଲୁମ ବନ୍ଦ କରିବା, ଜଳ, ଜମି, ଜଙ୍ଗଲ ସୁରକ୍ଷା ପାଇଁ ବେଦାନ୍ତ କମ୍ପାନୀ ବିରୋଧୀ ଆନ୍ଦୋଳନରେ ସମସ୍ତ ସାଥୀଙ୍କ ନାମରେ ଥିବା ମକଦ୍ଦମା ପ୍ରତ୍ୟାହାର କରିବା ଏବଂ ଜେଲରେ ଥିବା ସମସ୍ତ ସାଥୀଙ୍କୁ ତୁରନ୍ତ ମୁକ୍ତ କରିବା, ଆଦିବାସୀଙ୍କ ଅଧିକାର ରକ୍ଷା ପାଇଁ ପେଶା ଓ ଜଙ୍ଗଲ ଅଧିକାର ଆଇନ ଏଫଆରଏକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ସାମନ୍ତରାଙ୍କ ସହିତ ଅନେକ ବୁଦ୍ଧିଜୀବୀ ଓ ରାଜନେତା ଏବଂ ସାମାଜିକ କର୍ମୀ ନିବେଦନ କରିଛନ୍ତି।



ପ୍ରଫୁଲ୍ଲ ସାମନ୍ତରା

No. 10001/24/2627

## ଅଂଶୁଘାତ ସତର୍କତା

### ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

### ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



### ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଜାଗାକୁ ନେଇଆସନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10001/10003/2/26-27/0002

## ସଂକ୍ଷେପରେ

### ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଜବତ

ଭଞ୍ଜନଗର,୮।୪(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ପୋଲିସ ବୁଧବାର ସକାଳେ ଜଣେ ବୃଦ୍ଧଙ୍କ ମୃତଦେହ ମୁଜାଗଡ ଗ୍ରାମ ପୋଖରୀରୁ ଜବତ କରିଛି। ସେ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଜି.ନୂଆଗାଁର ଅରକ୍ଷିତ ସାହୁ (୭୩) । ଅରକ୍ଷିତ କିଛିଦିନ ତଳେ ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ବୁଧବାର ତାଙ୍କ ମୃତଦେହ ମୁଜାଗଡ ପୋଖରୀରେ ଭାସୁଥିବା ଲୋକେ ଦେଖିବାକୁ ପାଇଥିଲେ। ପରେ ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ପୋଖରୀରୁ ଉଦ୍ଧାର ପରେ ପୋଲିସ ଏହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ଅରକ୍ଷିତ କିପରି ମୁଜାଗଡ଼ ଆସିଥିଲେ ଏବଂ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ସେ ନେଇ କିଛି ଠିକ୍ ରୂପେ ଜଣାପଡ଼ିନାହିଁ। ପୋଲିସ ତଦନ୍ତ ଜାରି ରଖିଛି।

### ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ଛତ୍ରପୁର,୮।୪(ଦିଲୀପ ସାମଲ):

ଚମାଖଣ୍ଡି ଥାନା ଅନ୍ତର୍ଗତ ରଘୁନାଥପୁର ଛକରେ ବୁଧବାର ସନ୍ଧ୍ୟାରେ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳାଙ୍କ ପରିଚୟ ମିଳି ପାରିନାହିଁ । ସେ ରାସ୍ତାରେ ଯାଉଥିବା ବେଳେ ଟାଟା ଏସଇ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି । ଟାଟା ଏସଇ ଚାଳକଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି ।

### ଚୋରା ବାଲି ଚାଲାଣ ବେଳେ ୨ ଟ୍ରାକ୍ଟର, ଜେସିବି ଜବତ

ପାରଳାଖେମୁଣ୍ଡି,୮।୪(ଗିରିଧାରୀ ପରିଚ୍ଛା)

କାଶୀନଗର ଶ୍ମଶାନ ଘାଟ ନିକଟସ୍ଥ ବଂଶଧାରା ନଦୀରୁ ବିଳମ୍ବିତ ରାତିରେ ଏବଂ ପାରଳାଖେମୁଣ୍ଡି ସହରରେ ବାଲି ଚୋରା ଚାଲାଣ କରୁଥିବା ବେଳେ ଜିଲା ଖଣିବିଭାଗ ଚଢାଉ କରି ୨ଟି ଟ୍ରାକ୍ଟର ଓ ଗୋଟିଏ ନମ୍ବରବିହୀନ ଜେସିବି ଜବତ କରିଛି। ଏ ସମ୍ପର୍କରେ ସୂଚନା ପାଇ ଜିଲା ଖଣି ଅଧିକାରୀ ଦିପେନ ପରିଡାଙ୍କ ନେତୃତ୍ୱରେ ମଙ୍ଗଳବାର ରାତିରେ ଚଢାଉ କରାଯାଇ ଗୋଟିଏ ଟ୍ରାକ୍ଟର ଓ ଗୋଟିଏ ଜେସିବି ଜବତ କରାଯାଇଥିଲା। ଜବତ ଏହି ୨ ଗାଡି ପୋଲିସକୁ ହସ୍ତାନ୍ତର ହୋଇଛି। ୪ ଲକ୍ଷ ଟଙ୍କା ଜରିମାନା ପକାଯାଇଛି। ସେହିପରି ବୁଧବାର ସକାଳୁ ପାରଳାଖେମୁଣ୍ଡି ଉପକଣ୍ଠ ରାଣୀପେଣ୍ଠ ନିକଟରୁ ବେଆଇନ ବାଲି ଚାଲାଣ ଅଭିଯୋଗରେ ଗୋଟିଏ ଟ୍ରାକ୍ଟରକୁ ଖଣି ବିଭାଗ ଅଟକ ରଖି ତଦନ୍ତ ଜାରି ରଖିଛି।

### ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର

ପାରଳାଖେମୁଣ୍ଡି,୮।୪(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପ୍ରଶାସନ ଏବଂ ଭାରତୀୟ ରେଡକ୍ରସ ସମିତିର ଜିଲା ଶାଖାର ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲାସ୍ତରୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରଠାରେ ବୁଧବାର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉପଜିଲାପାଳ ଅନୁପ ପଣ୍ଡା, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ପଥୀରାଜ ମଣ୍ଡଳ, ଅବକାରୀ ଅଧୀକ୍ଷକ ପ୍ରଦୀପ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ରକ୍ତଦାନ କରିଥିଲେ। ଶିବିରରୁ ମୋଟ ୩୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଶାନ୍ତନୁ ପାଢ଼ୀ, ଜିଲା ଜରୁରୀକାଳୀନ ଅଧିକାରୀ ବିନାୟକ ରାଉଳ ପରିଚାଳନା କରିଥିଲେ।

# ପାନୀୟ ଜଳ, ଡ୍ରେନେଜ ଓ ବିଦ୍ୟୁତ୍ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ପରାମର୍ଶ

**ଦିଗପହଣ୍ଡି ଏନଏସିର କାଉନସିଲ ବୈଠକ**

ଦିଗପହଣ୍ଡି,୮।୪(ଅଶେଷ ନାଥ ମିଶ୍ର)



ବୈଠକରେ ଉପସ୍ଥିତ ବିଧାୟକ, ଏନଏସି ଅଧ୍ୟକ୍ଷ ଓ କାଉନସିଲରମାନେ ଆଲୋଚନା କରୁଛନ୍ତି।

ଗଞ୍ଜାମ ଜିଲା ଦିଗପହଣ୍ଡି ଏନଏସି କାଉନସିଲର ୨୨ତମ ପରିବର୍ଦ୍ଧିତ ବୈଠକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ସଂଯୋଜନା ଓ ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଉପସ୍ଥିତ ଦିଗପହଣ୍ଡି ବିଧାୟକ ଡ.ସିଦ୍ଧାନ୍ତ ମହାପାତ୍ରଙ୍କୁ କାଉନସିଲର ଏବଂ କର୍ମଚାରୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସହରର ସମସ୍ତ ୱାର୍ଡ ଅଧୀନ ସାହି,ବସ୍ତି ମାନଙ୍କରେ ନିରନ୍ତର ପାନୀୟ ଜଳ ଯୋଗାଣ ପାଇଁ ପିଏଚଡିର ଯନ୍ତ୍ରୀ ଓ କର୍ମଚାରୀଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। ସେହିପରି ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଜାତୀୟ ରାଜପଥ ସହକାରୀ ଯନ୍ତ୍ରୀଙ୍କୁ ସହର ସଂଲଗ୍ନ ରାସ୍ତା ଓ ରାସ୍ତାର ଉଭୟ ପାର୍ଶ୍ୱରେ ଡିପ୍ ଡ୍ରେନ ନିର୍ମାଣ କାର୍ଯ୍ୟକୁ ତରାନ୍ୱିତ କରିବାକୁ ବିଧାୟକ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ସେହିପରି ସହରର ଐତିହ୍ୟ ସମ୍ପନ୍ନ ବଡବନ୍ଧ ଓ ନେଳିଆ ବନ୍ଧ ସମେତ ପୁଞ୍ଜିକଂୟା ଛକସ୍ଥିତ ପୋଖରୀର ସୌନ୍ଦର୍ଯ୍ୟୀକରଣ ଏବଂ ପ୍ରସ୍ତାବିତ ଚାରିଧାମ ପାର୍କ ନକ୍ସାର ପ୍ରଶାସନିକ ଅନୁମୋଦନ ପରେ ଅନ୍‌ଲାଇନ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଇଥିବା ବିଧାୟକ ସୂଚନା ଦେଇଥିଲେ। ସହରର ବିଭିନ୍ନ ସାହି,ବସ୍ତିଗୁଡ଼ିକୁ ମହାପୁରୁଷ ଓ ବିଶିଷ୍ଟ ବ୍ୟକ୍ତିଙ୍କ ନାଁରେ ନାମିତ କରାଯିବା ନିମନ୍ତେ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ନୂଆ ବସଷ୍ଟାଣ୍ଡ ପାର୍ଶ୍ୱ ସମେତ ବିଭିନ୍ନ ୱାର୍ଡ ସଂଲଗ୍ନ ଅଞ୍ଚଳର ନାଳ, ନର୍ଦ୍ଦମା ସଫା ପାଇଁ ସ୍ଥାୟୀ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା । ସମସ୍ତ କାଉନସିଲର ନୀଳମାଧବ ଗୌଡ, ଦୀପକ ମିଶ୍ର, ସୁଶାନ୍ତ ପାତ୍ର, ସୁନୀଲ ପଣ୍ଡା, ଜ୍ୟୋସ୍ନା ଜେନା, ମାମିନି ବେହେରା, ସନ୍ତୋଷିନୀ ବେହେରା, ଇ.ଗାୟତ୍ରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ ଦିଗପହଣ୍ଡି ଗସ୍ତରେ ଆସିଥିବା ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଏନଏସି ଅଧ୍ୟକ୍ଷ ଓ କାଉନସିଲରମାନେ ଭେଟି ବିଧାୟକଙ୍କ ଉପସ୍ଥିତିରେ ଦିଗପହଣ୍ଡି-ବ୍ରହ୍ମପୁର ଏବଂ ବ୍ରହ୍ମପୁର-ଚିକିଟି ରାସ୍ତାର ଦୋହରିକରଣ ସହ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଡ୍ରେନେଜ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ବର୍ଷା ଋତୁ ପୂର୍ବରୁ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରିବାକୁ ଉପସ୍ଥିତ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

# ୭ ଗ୍ୟାସ୍ ସିଲିଣ୍ଡର ଜବତ



ଆସିକା,୮।୪(ସୁରେନ୍ଦ୍ର ନାଥ ସାହୁ):

ରନ୍ଧନ ଗ୍ୟାସ କଳାବଜାର ରୋକିବା ପାଇଁ ବୁଧବାର ଆସିକା ପୌର ପରିଷଦର ବଜାର ସାହିରେ ପ୍ରଶାସନ ପକ୍ଷରୁ ଧରପଗଡ କରାଯାଇଥିଲା। ଏକ ତେଜରାତି ଦୋକାନ ଓ ଏକ ହୋଟେଲରେ ଯାଞ୍ଚ ହୋଇଥିବା ବେଳେ ତେଜରାତି ଦୋକାନରୁ ୭ଟି ସିଲିଣ୍ଡର ଜବତ ହୋଇଛି। ସେଥିମଧ୍ୟରେ ୫ଟି ଖାଲି ଓ ୨ଟି ଗ୍ୟାସ ଭର୍ତ୍ତି ସିଲିଣ୍ଡର ରହିଛି । ଆସିକା ବ୍ଲକ ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳବେହେରାଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢାଉରେ ଅତିରିକ୍ତ ତହସିଲଦାର ଅମରେଶ ସାବତ, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଆସିକା ଥାନା ଏସଆଇ କୈଳାସ ସାହୁ ପ୍ରମୁଖ ସାମିଲ ଥିଲେ । ଜବତ ସିଲିଣ୍ଡରଗୁଡ଼ିକୁ ଜଣେ ଗ୍ୟାସ ବିତରକଙ୍କ ଜିମା ଦିଆଯାଇଛି । ଏହି ମାମଲାକୁ ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ ମୁତାବକ ଗଞ୍ଜାମ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରାଯିବ ବୋଲି ଜଣାପଡିଛି । ସୂଚନାଯୋଗ୍ୟ, ରନ୍ଧନ ଗ୍ୟାସ ଅଭାବ ଦେଇଥିବାରୁ ବିଭିନ୍ନ ଡିପୋ ସମ୍ମୁଖରେ ଖାଉଟିମାନେ ସିଲିଣ୍ଡର ପାଇଁ ଧାଡିବାନ୍ଧି ଅପେକ୍ଷା କରୁଛନ୍ତି। ଅନ୍ୟପଟେ ଗ୍ୟାସ ସିଲିଣ୍ଡର ବିଭିନ୍ନ ସ୍ଥାନରେ ଦୁଇଗୁଣା ଦରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା ।

# ସିମନବାଡିରେ ପଞ୍ଚଦଣ୍ଡ ମିଳନ



ଦାରିଙ୍ଗବାଡି, ୮।୪(ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡିଠାରେ ବୁଧବାର ପଞ୍ଚଦଣ୍ଡ ମିଳନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚଦଣ୍ଡ ମିଳନ କମିଟି ସଭାପତି ଦିଲୀପ ବେହେରା, ସମ୍ପାଦକ ଲୋକନାଥ ମାଝିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ଅବସରରେ ପୂର୍ବାହ୍ନ ୧୦ ଟାରେ ୫ଟି ଦଣ୍ଡୁଆ ଦଳ ସିମନବାଡିରେ ପହଞ୍ଚିବା ପରେ ସେମାନଙ୍କୁ ଗ୍ରାମବାସୀ ଓ କମିଟି ପକ୍ଷରୁ ବରଣ ପୂଜା କରାଯାଇ ସ୍ୱାଗତ କରାଯାଇଥିଲା। ପରେ ସମସ୍ତ ଦଣ୍ଡୁଆ ଦଳ ମା' ଦୁର୍ଗାପୂଜା ମଣ୍ଡପରେ ପହଞ୍ଚି ସେଠାରେ ବୀଣାକାରଙ୍କ ଦ୍ୱାରା ବନ୍ଦନା ଗାନ ଓ ପୂଜାର୍ଚ୍ଚନା ଓ ଆରତି କରି ରୁଦ୍ରକାଳୀ ଏବଂ ଶିବ ଶମ୍ଭୁଙ୍କୁ ପୂଜା କରିଥିଲେ। ପରେ ଦଣ୍ଡୁଆ ଦଳ ବିଭିନ୍ନ ମନ୍ଦିର ଓ ଗ୍ରାମ ପରିକ୍ରମା କରି ମା' ପାଟଖଣ୍ଡାଙ୍କ ପୀଠରେ ପହଞ୍ଚିଥିଲେ। ଅପରାହ୍ନରେ ବଜାର ପଞ୍ଚଦଣ୍ଡ ମିଳନ ପଡିଆରେ ପହଞ୍ଚି ସେଠାରେ ଧୂଳିଦଣ୍ଡ ପରିବେଷଣ କରିଥିଲେ। ଏହି ଧୂଳିଦଣ୍ଡରେ ପାରମ୍ପରିକ କୃଷି, ଖାଦ୍ୟ, ଜଙ୍ଗଲ, ପ୍ରାଣୀ ସମ୍ପଦ ସୁରକ୍ଷାର ଦୃଶ୍ୟକୁ ଦଣ୍ଡ ଦଳର କଳାକାରମାନେ ପ୍ରଦର୍ଶନ କରିଥିଲେ। ଅପରାହ୍ନ ସାଢେ ୪ଟାରେ ଧୂଳିଦଣ୍ଡ ପରେ ସମସ୍ତ ଦଣ୍ଡୁଆ ଜଳ ଦଣ୍ଡ ପାଇଁ କାରିପାଙ୍ଗା ସାହିସ୍ଥିତ ପୋଖରୀକୁ ଯାଇଥିଲେ। ସେଠାରୁ ଫେରି ପଞ୍ଚଦଣ୍ଡ ମିଳନ କରିଥିଲେ। ଏହି ୫ ଦଣ୍ଡ ଦଳଙ୍କ ମଧ୍ୟରେ ଫିରିଙ୍ଗିଆ ବ୍ଲକର ତେଜାମାହା ଦଣ୍ଡୁଆ ଦଳଙ୍କ ସମେତ କରଣ୍ଡାଗଡ଼, କ. ନୂଆଗାଁ ବ୍ଲକର ଡାଉଙ୍ଗିଆ ଓ କେଲେମାହା ଏବଂ ଦାରିଙ୍ଗବାଡି ବ୍ଲକର ଗ୍ରୀନବାଡି ଦଣ୍ଡୁଆ ଦଳ ପଞ୍ଚଦଣ୍ଡ ମିଳନରେ ସାମିଲ ହୋଇଥିଲେ। କମିଟିରେ ସରୋଜ ସାହୁ, ବିନୋଦ ସାହୁ, ଗିରିଶ ସାହୁ, ବାଥଲମ ନାୟକ, ଚିତ୍ତ ରଞ୍ଜନ ପ୍ରଧାନ, ବରୁଣ ବେହେରା, କୁଲୁ ଚୌଧୁରୀ, ବିକି ନାୟକ, ଚିତ୍ତ ରଞ୍ଜନ ସାହୁ ପରିଚାଳନା କରିଥିଲେ। ଦାରିଙ୍ଗବାଡି ଆଇଆଇସି ସଂଗ୍ରାମ କେଶରୀ ଜେନାଙ୍କ ନିର୍ଦ୍ଦେଶରେ ସୁରକ୍ଷାକର୍ମୀ ନିୟୋଜିତ ହୋଇଥିଲେ।

### ଝଗଡ଼ପଟାରେ ବାର୍ଷିକ ଅଷ୍ଟଶମ୍ଭୁ ମିଳନ

ଖଜୁରିପଡ଼ା, ୮।୪(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଝଗଡ଼ପଟା ଗ୍ରାମରେ ଗ୍ରାମ୍ୟ କମିଟି ପକ୍ଷରୁ ୧୫ତମ ବାର୍ଷିକ ଅଷ୍ଟଶମ୍ଭୁ ମିଳନ କାର୍ଯ୍ୟକ୍ରମ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି। ଏଥିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଭିନ୍ନ ଗ୍ରାମର ପ୍ରସିଦ୍ଧ ଶୈବପୀଠରୁ ଆସିଥିବା ଦଣ୍ଡଥଳି ଓ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ସେହି ଶୈବପୀଠଗୁଡ଼ିକ ହେଲା ବନ୍ଧାପଥର ଗ୍ରାମର ସିଦ୍ଧେଶ୍ୱର, ବଘିଆପଡାର ଗୁପ୍ତେଶ୍ୱର, ଖଲିବେରେଣାର ଯୋଗେଶ୍ୱର,ଜାମପାଲର ଗୋକୁଳେଶ୍ୱର, ଟେଙ୍ଗେରୀର ବାଲୁଙ୍କେଶ୍ୱର, ଖଣ୍ଡପଡାର କେଦାରଶ୍ୱର, କରଡ଼ିର ଚମ୍ପେଶ୍ୱର ଏବଂ ବବଡିଙ୍ଗିଆର ଭୁଲେଶ୍ୱର। ଏହି ଅବସରରେ ପାରମ୍ପରିକ ଲୋକକଳା ଓ ନାଟ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଅଷ୍ଟଶମ୍ଭୁଙ୍କ ମିଳନ ହୋଇଥିଲା। ଗ୍ରାମ୍ୟ କମିଟି ସଦସ୍ୟମାନେ ପରିଚାଳନା କରିଥିଲେ।

### ଜନଗଣନା ସଚେତନତା ରଥ ଶୁଭାରମ୍ଭ

ଶେରଗଡ଼,୮।୪(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ତହସିଲ ପକ୍ଷରୁ ଜନଗଣନା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ତହସିଲଦାର ତ୍ରିଦେବ ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ରଥ ତହସିଲର ସମସ୍ତ ଗ୍ରାମ ବୁଲି ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ଜନଗଣନା ନେଇ ସଚେତନ କରିବ। ସର୍ଭେରେ ଗଣନାକାରୀଙ୍କୁ ସହଯୋଗ କରିବା, ସ୍ୱଚ୍ଛ, ଠିକ୍ ତଥ୍ୟ ଜନଗଣନା ବେଳେ ପ୍ରଦାନ କରିବାକୁ ଏହି ସଚେତନତା ରଥ ଲୋକଙ୍କୁ ଅବଗତ କରାଇବ।

# ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା



ଚିକିଟି,୮।୪(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ବି. ନୂଆପଡାଠାରେ ପୂଜା ପାଇ ଆସୁଥିବା ମା' ଅନ୍ନପୂର୍ଣ୍ଣା ଓ ଗ୍ରାମଦେବତୀଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି । ପ୍ରଥମ ଦିନ ନୂଆପଡ଼ା ଓ ଆଖପାଖ ଗ୍ରାମର ଶତାଧିକ ମହିଳାପୁରୁଷ କଳସ ଯାତ୍ରା କରିଥିଲେ। ଶୋଭାଯାତ୍ରାରେ ବାହାରି ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଧାନ୍ୟରାଶି ଗ୍ରାମ ନିକଟ ବାହୁଦା ନଦୀରୁ କଳସରେ ଜଳ ଧରି ନୂଆପଡା ମୁଖ୍ୟ ବଡ଼ଦାଣ୍ଡ ପରିକ୍ରମା କରି ମା'ଙ୍କ ପୀଠରେ ପହଞ୍ଚିଥିଲେ । ପ୍ରତିଷ୍ଠା ଉତ୍ସବ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ପ୍ରତ୍ୟେକ ଦିନ ଘୃତଯଜ୍ଞ, ଅନ୍ନଯଜ୍ଞ, ନାମଯଜ୍ଞ ଚାଲିବ। ପଣ୍ଡିତ ଶିବ ପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆଖପାଖ ଅଞ୍ଚଳର ପୁରୋହିତମାନେ ଯୋଗଦେଇ ସହଯୋଗ କରୁଛନ୍ତି ।

# ଗୌରୀ ନୀଳକଣ୍ଠେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ

ପାରଳାଖେମୁଣ୍ଡି,୮।୪(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ମିଲୁ ଭୁରିଗାଁ ନିକଟରେ ଥିବା ଶ୍ରୀଗୌରୀ ନୀଳକଣ୍ଠେଶ୍ୱର ସ୍ୱାମୀ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ସକାଳ ସମୟରେ ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ପରେ ବିଘ୍ନେଶ୍ୱର ପୂଜା, ଜଳାଭିଷେକ, ପଞ୍ଚାମୃତ ଅଭିଷେକ ଓ ସାମୁହିକ ରୁଦ୍ରା ଅଭିଷେକ ନୀତି ହୋଇଥିଲା। ସନ୍ଧ୍ୟାରେ କୁଙ୍କୁମ ପୂଜା ଓ ଗୌରୀ ନୀଳକଣ୍ଠେଶ୍ୱର ସ୍ୱାମୀଙ୍କ ନଗର ପରିକ୍ରମା କରାଯାଇଥିଲା। ଏହି ଅବସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ଓ ତାଙ୍କ ସ୍ତ୍ରୀ ପ୍ରମିଳା ଦେବୀ ପୂଜାର୍ଚ୍ଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାଇଆମ୍ମା, ଗୋଷାଣୀ ବ୍ଲକ ଅଧ୍ୟକ୍ଷ ଏନ. ବିରରାଜୁ, କଟିକୀ ରାମା ରାଓ, ସରପଞ୍ଚ ତେଜେଶ୍ୱର ରାଓଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ଲୋକକଳା ବଞ୍ଚାଇ ରଖିବାକୁ ଆହ୍ୱାନ



ଡୁମୁଡିବନ୍ଧ,୮।୪(ଦୀପକ କୁମାର ପରାସେଠ):

ଓଡ଼ିଆ ପକ୍ଷ ପାଳନ ଅବସରରେ ବୁଧବାର ଲୋକକଳା ପାଇଁ ଦିନିଟିଏ କାର୍ଯ୍ୟକ୍ରମ ଡୁମୁଡିବନ୍ଧ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଡୁମୁଡିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ହରପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ବାସନ୍ତି ମାଝୀ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ନବୀନ ପାତ୍ର, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ବ୍ଲକ ସଂସଦ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ବ୍ଲକ କଳାକାର ସଂଘର ଉପସଭାପତି ନେତ୍ର ମାନସେଠ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଅଧ୍ୟକ୍ଷା ମାଝୀ ଉପସ୍ଥିତ ଲୋକ କଳାକାରମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଆଧୁନିକତା ଆମର କଳା, ସଂସ୍କୃତି ଓ ପରମ୍ପରାକୁ କ୍ଷତି ଘଟାଇବାକୁ ବସିଲାଣି। ଓଡ଼ିଆ ପକ୍ଷ ପାଳନ ଅବସରରେ ସମସ୍ତେ ମିଳିମିଶି ଆମ ଲୋକକଳାକୁ ବଞ୍ଚେଇ ରଖିବାକୁ ଆହ୍ୱାନ ଦେଇଥିଲେ। ସେହିପରି ବ୍ଲକ କଳାକାର ସଂଘ ଉପ ସଭାପତି ମାନସେଠ ମଧ୍ୟ ଅନୁରୂପ ମତ ରଖି ଲୋକକଳା ବଞ୍ଚାଇଲେ ଓଡ଼ିଆ ଅସ୍ମିତା ବଞ୍ଚିବ ବୋଲି କହିଥିଲେ। ଉପସ୍ଥିତ ଲୋକ କଳାକାର ମାନଙ୍କୁ ଉତ୍ତରୀୟ ଓ ପ୍ରମାଣ ପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡୁମୁଡିବନ୍ଧ ବ୍ଲକ ଅଞ୍ଚଳର ସମସ୍ତ ଲୋକ କଳାକାର, ଓଡ଼ିଶା ଜୀବିକା ମିଶନର ସିଆରପିସିଏମ ଏବଂ ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଭଞ୍ଜନଗରରେ ଖୋଲିବ ଲକ୍ଷ୍ୟ ନିକେତନ ପ୍ରଶିକ୍ଷଣ କେନ୍ଦ୍ର

ଭଞ୍ଜନଗର,୮।୪(ବାବୁଲା ପ୍ରଧାନ)


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଲକ୍ଷ୍ୟ ନିକେତନ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ଗଞ୍ଜାମ ଜିଲା ପ୍ରଶାସନ ଜିଲାରେ ଆଇଏଏସ ଓ ଓଏଏସ, ଆଇପିଏସ ଭଳି ପ୍ରଶାସନିକ ଅଧିକାରୀ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ ଲକ୍ଷ୍ୟ ନିକେତନ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହା ମାଧ୍ୟମରେ ସିଭିଲ ସର୍ଭିସ ପରୀକ୍ଷା ପାଇଁ ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଜିଲାପାଳ ଭି. କିର୍ତ୍ତୀଭାସନଙ୍କ ପ୍ରଚେଷ୍ଟାରେ ଜିଲାର ବ୍ରହ୍ମପୁର ଉପଖଣ୍ଡ ପାଇଁ ବ୍ରହ୍ମପୁରରେ ଲକ୍ଷ୍ୟ ନିକେତନ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଥିବା ଖୁବ୍‌ଶୀଘ୍ର ଭଞ୍ଜନଗର, ଛତ୍ରପୁର ଉପଖଣ୍ଡରେ ଏହି କେନ୍ଦ୍ର ଖୋଲିବାକୁ ଯାଉଛି। ଭଞ୍ଜନଗର ସିଟି ସ୍କୁଲ ପରିସରରେ ଏହି କେନ୍ଦ୍ର ଖୋଲିବା ପାଇଁ ୨୦ଲକ୍ଷ ଟଙ୍କା ବ୍ୟୟରେ ଭିତ୍ତିଭୂମି ପ୍ରସ୍ତୁତି ଚାଲିଛି। ଖୁବ୍‌ଶୀଘ୍ର ଏହା ଉଦଘାଟନ ହେବ। ସୋମବାର ଭଞ୍ଜନଗର ଉପ ଜିଲାପାଳ ଉମା ଶଙ୍କର ବେହେରା ଉକ୍ତ କେନ୍ଦ୍ରର କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ବଳକା ଥିବା କାମ ଶୀଘ୍ର ଯେଭଳି ସରିବ ସେଥିପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳଙ୍କ ଗସ୍ତ ସମୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ର, ସହକାରୀ ଯନ୍ତ୍ରୀ ରବିନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ଅପରାହ୍ନରେ ଜିଲାପାଳ ଅନ୍ୟ ଅଧିକାରୀମାନେ ଲକ୍ଷ୍ୟ ନିକେତନ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରିଥିଲେ। ଏଠାରେ ୫୦ଜଣ ପରୀକ୍ଷାର୍ଥୀ ପ୍ରଶିକ୍ଷଣ ନେବା ବ୍ୟବସ୍ଥା ହୋଇଛି। ଦିଲୀର ଏକ ଆଇଏଏସ୍ କୋଚିଂ ସେଣ୍ଟରର ଅଧ୍ୟାପକମାନେ ଅନଲାଇନ ମାଧ୍ୟମରେ ଏବଂ ଗଞ୍ଜାମ ଜିଲାର ଆଇଏଏସ ଏବଂ ଓଏଏସ ଅଧିକାରୀମାନେ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ଦେବେ। ଆସନ୍ତା ସପ୍ତାହରେ ଏହି କେନ୍ଦ୍ରର ଉଦଘାଟନ କରାଯିବା ଯୋଜନା ରହିଛି।

# ମା'ତାରାତାରିଣୀଙ୍କ ଶରଣାପନ୍ନ ସିନେ ଟିମ୍

**ମେ ୧୫ରେ 'ମେହେରମୁଣ୍ଡା' ସିନେମା ରିଲିଜ**

ପୁରୁଷୋତ୍ତମପୁର,୮।୪ (ସବିତା ମିଶ୍ର)



ନିଛକ ଓଡ଼ିଆ କାହାଣୀକୁ ନେଇ ରିଲିଜ ହେବାକୁ ଯାଉଛି ଫିଲ୍ମ 'ମେହେରମୁଣ୍ଡା'। ମେହେରମୁଣ୍ଡା ଫିଲ୍ମ ରିଲିଜ ପୂର୍ବରୁ ମଙ୍ଗଳବାର ସନ୍ଧ୍ୟାରେ ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠରେ ସିନେମାର ଏକଜିକ୍ୟୁଟିଭ ପ୍ରଡ୍ୟୁସର ସୁପସା ଦତ୍ତଙ୍କ ସମେତ ନିର୍ଦ୍ଦେଶକ, ପ୍ରଯୋଜକ ଓ କଳାକାରମାନେ। ମା'ଙ୍କ ଠାରେ ପୂଜାର୍ଚ୍ଚନା କରି କିପରି ଏହି ସିନେମାଟି ଲୋକାଦୃତ ହୋଇପାରିବ ସେନେଇ ଶରଣାପନ୍ନ ହୋଇଥିଲେ। ସିନେମାକୁ ନେଇ ନିର୍ଦ୍ଦେଶକ ନିକୁଞ୍ଜ ହୋତା କହନ୍ତି, ଏହି ସିନେମାଟି ଏକ ସମ୍ପ୍ରଦାୟର ଜୀବନ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି। କୋଭିଡ ଲକଡାଉନ ସମୟରେ ଲୁଗା ବୁଣାକାର ପରିବାରଙ୍କ ଜୀବନର ସଂଘର୍ଷମୟ କାହାଣୀକୁ ନେଇ ସିନେମା ଗତିଶୀଳ ହୋଇଛି। ୨୬ ଲକ୍ଷ ବୁଣାକାରଙ୍କ ପ୍ରଗତିକୁ ନେଇଆନ୍ତର୍ଜାତୀୟ ହସ୍ତତନ୍ତ ଦିବସରେ ଓଡ଼ିଶା ହସ୍ତତନ୍ତ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଫାଷ୍ଟ ଲୁକର ଲୋକାର୍ପଣ କରିଥିଲେ। ଫିଲ୍ମର ପ୍ରଯୋଜନା କରିଛନ୍ତି ରାକେଶ ପାଢ଼ୀ, ସଙ୍ଗୀତକୁ ଅମିତ ଯୁବରାଜ ସଜାଇଛନ୍ତି। ମୁଖ୍ୟ ଅଭିନେତ୍ରୀ ରୁପେ ଆଳିନ ଅଙ୍କିତା ରହିଛନ୍ତି। ଏହି ଅବସରରେ ମନ୍ଦିର ନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରାଙ୍କୁ ସିନେମା ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିନେମାଟି ମେ ୧୫ରେ ମୁକ୍ତିଲାଭ କରିବ।

### ପମ୍ପ ହାଉସ୍‌ରେ ଅଗ୍ନିକାଣ୍ଡ

ମୋହନା, ୮।୪(ମନ୍ମଥ ମିଶ୍ର)

ମୋହନା ଶିବ ମନ୍ଦିର ନିକଟରେ ଥିବା ପମ୍ପ ହାଉସରେ ଥିବା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପମ୍ପ ହାଉସରେ ଶଟ ସର୍କିଟ ଯୋଗୁ ବୁଧବାର ଅଗ୍ନିକାଣ୍ଡ ଘଟିଛି। ହଠାତ ସକାଳ ୧୦ଟାରେ ତାରଗୁଡିକ ପୋଡ଼ି ନିଆଁ ବାହାରି ମିଟର ଶଟ୍ ସର୍କିଟ ହୋଇ ଜଳି ଯାଇଥିଲା। ସେଠାର ଥିବା ଅପରେଟର ପିତର ବିର ଅଳ୍ପକେ ବର୍ତ୍ତି ଯାଇଥିଲେ। କର୍ମଚାରୀ ଜୟନ୍ତ ନାୟକ ବିଦ୍ୟୁତ୍ ବିଭାଗକୁ ଖବର ଦେଇ ବିଦ୍ୟୁତ୍ କାଟ କରିଥିଲେ। ବିଦ୍ୟୁତ୍ ବିଚ୍ଛିନ୍ନ ପୂର୍ବରୁ ଭିତରେ ଥିବା ଅଧିକାଂଶ ମେଶିନ ଜଳି ଯାଇଥିଲା। ଫଳରେ ମୋହନା ସହରରେ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ତୁରନ୍ତ ପମ୍ପ ହାଉସର ମେଶିନ ଓ ମିଟର ମରାମତି କରି ସହରରେ ପାନୀୟ ଜଳ ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଏହାକୁ ଶୀଘ୍ର ମରାମତି କରାଯାଇ ଜଳ ଯୋଗାଣ କରାଯିବ ବୋଲି କହିଛନ୍ତି ।

**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୨୦୨୪ର ୩୯୬

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ଭୁବନେଶ୍ୱର, ଓଡ଼ିଶା .....ଆବେଦନକାରୀ

ବନାମ

ସନ୍ଦୀପ ହରିଚନ୍ଦନ ଏବଂ ଅନ୍ୟମାନେ .....ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,

୧) ମେସର୍ସ ହୋଟେଲ ଗାଲାକ୍ସୀ ଇଣ୍ଟରନ୍ୟାସନାଲ, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୫୧୬/୧୭୧୯, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ, କିଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର-୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ. ୨

୨) ହୋଟେଲ ଗାଲାକ୍ସୀ, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୧୦୧୬/୧୫୦୪, ସବ୍ ପ୍ଲଟ୍ ନଂ.: ଇ-୨୧, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ.୩

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍**

ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୨୦୨୪ର ୩୯୬ ଦ୍ୱାରା **ଟ.୫୩,୫୮,୯୦୪.୦୦** ମାତ୍ର ଋଣ ରାଶି ଏବଂ ତତ୍‌ସହିତ ଚଳିତ ଓ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍‌ରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍ଦ୍ୱାରା ଉପରିଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର **୩୦ ଦିନ** ମଧ୍ୟରେ କିମ୍ବା **ତା୧୭.୦୬.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ରହି ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ମୋ ଦ୍ୱାରା ଏବଂ ଏହି ପ୍ରାଧିକରଣର ସହି ମୋହର ସହ ଅଦ୍ୟ ଦିନାଙ୍କ **୨୬ ମାର୍ଚ୍ଚ, ୨୦୨୬**ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

